ISSN -2583-147X (P), Vol.- 7, Issue No. X, Januuary 2022
Bastabatara Pariprakash Prachee
*Peer Reviewed and Referred Research Journal*

# (ଶିଶୁ ଧର୍ମଯୋଦ୍ଧାଙ୍କର କରୁଣ ପରିଣତି)

**ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ**

ଶୈଶବ ଓ କିଶୋର ମନ ଏମିତି ଏକ ଅବସ୍ଥାରେ ଥାଏ ଯାହା ଖୁବ ଶିଘ୍ର ଆନ୍ଦୋଳିତ ଓ ଅନୁପ୍ରାଣିତ ହୋଇଥାଏ । ବହୁସମୟରେ ଏପରି ଅନଭିଜ୍ଞ ଭାବପ୍ରବଣ ଛୋଟ ପିଲାମାନେ ସ୍ୱାର୍ଥନ୍ୱେଷୀ ଗୋଷ୍ଠୀଙ୍କର ଶୀକାର ହୋଇଥାନ୍ତି । ମନୁଷ୍ୟର ବିଜ୍ଞତା ଓ ନିର୍ବୋଧତା ଉଭୟକୁ ଇତିହାସ ଲିପିବଦ୍ଧ କରିଛି । ଭଗବାନଙ୍କର ସନ୍ତାନ ଭାବେ ସାବୁ ମଣିଷ ଏକ ହେବା ପାଇଁ ମହାପୁରୁଷ ମାନେ ଯୁଗେ ଯୁଗେ ଆହ୍ୱାନ ଦେଇଥିବା ବେଳେ ତାଙ୍କର ଅନୁଗାମୀ ମାନେ ଭଗବାନଙ୍କ ନାମରେ ସଦା ସଙ୍ଘର୍ଷରତ । ଧର୍ମ ନାମରେ ଯେତେ ସବୁ ଯୁଦ୍ଧ ହୋଇଛି ସବୁଠାରୁ କୁଖ୍ୟାତ ହେଉଛି କୃଷେଡ(Crusade) । ତେବେ ଏହାର ଅତ୍ୟନ୍ତ ଦୟନୀୟ ପରିଣତି ଭୋଗ କରିଛନ୍ତି ଭାବପ୍ରବଣ ଛୋଟ ପିଲାମାନେ । ଆସନ୍ତୁ ଜାଣିବା ଇତିହାସ ପୃଷ୍ଠାରୁ ।

ମଧ୍ୟଯୁଗରେ ଖ୍ରୀଷ୍ଟିଆନ୍ ଓ ମୁସଲମାନ୍ ଙ୍କ ମଧ୍ୟରେ ନିଜ ନିଜ ଧର୍ମବିଶ୍ୱାସ ସପକ୍ଷରେ ଦୁଇ ଶତାବ୍ଦୀ ଧରି( ୧୧୦୦ ରୁ ୧୩୦୦) ଲଢାଯାଇଥିବା ଯୁଦ୍ଧକୁ କୃଷେଡ୍ ବା ଧର୍ମଯୁଦ୍ଧ କୁହାଯାଏ । ସେମାନେ ଅନ୍ୟ ଧର୍ମପ୍ରତି ଅତ୍ୟନ୍ତ ଅସହିଷ୍ଣୁ ଥିଲେ । ଖ୍ରୀଷ୍ଟିଆନ୍ ମାନେ କ୍ରସ୍ ଚିହ୍ନକୁ ଯୁଦ୍ଧରେ ପ୍ରତୀକ ଭାବେ ବ୍ୟବହାର କରିଥିବାରୁ ଏହି ଯୁଦ୍ଧ କୃଷେଡ(Crusade) ଭାବେ ପରିଚିତ । ଇୟୁରୋପୀୟ ଖ୍ରୀଷ୍ଟିଆନ୍ ମାନେ ଜୀଶୁଙ୍କ ପବିତ୍ର ଜନ୍ମସ୍ଥାନ ପାଲେଷ୍ଟାଇନ୍ କୁ ଅକ୍ତିଆର କରିବାର ଅଭିଳାଶ ହିଁ ଏହାର ମୁଖ୍ୟ କାରଣ । ସପ୍ତମ ଶତାବ୍ଦୀ ରେ ଆରବ ମୁସଲମାନ୍ ମାନେ ଯଦିଓ ପାଲେଷ୍ଟାଇନ୍ କୁ ନିଜ ଅଧିନରେ ରଖିଥିଲେ କିନ୍ତୁ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ମାନଙ୍କ ପାଲେଷ୍ଟାଇନ୍ କୁ ଆଗମନ ପ୍ରତି ସେମାନେ ଅତ୍ୟନ୍ତ ଉଦାରଥିଲେ । ସେ ସମୟରେ ଦକ୍ଷିଣ-ପୂର୍ବ ଶେଷଭାଗରେ ରୋମର ବାଇଜାଣ୍ଟଶଇନ ସାମ୍ରାଜ୍ୟର ରାଜଧାନୀ ଥିଲା କନ୍ଷ୍ଟାଣ୍ଟିନୋପଲ୍ । କିନ୍ତୁ ଏକାଦଶ ଶତାବ୍ଦୀ ବେଳକୁ ତୁର୍କୀ ମୁସଲମାନ୍ ମାନେ ପାଲେଷ୍ଟାଇନ୍ କୁ ଜୟ କରିଲେ । ଆରବ ମୁସଲମାନ୍ଙ୍କ ପରି ସେମାନେ ଉଦାର ନଥିବାରୁ ସେମାନେ ଖ୍ରୀଷ୍ଟିଆନ ଧର୍ମଯାତ୍ରୀ କୁ ବିରୋଧ କରି ସେଠାର ଖ୍ରୀଷ୍ଟିଆନ ମାନଙ୍କୁ ହତ୍ୟା କରିବାରେ ଲାଗିଲେ ।ଏହା ଇୟୁରୋପୀୟ ଖ୍ରୀଷ୍ଟିଆନ ମାନଙ୍କ ମନରେ ଖୁବ୍ ବିଷାଦଭରିଦେଲା । ପାଲେଷ୍ଟାଇନ୍ କୁ ମୁସଲମାନମାନଙ୍କଠାରୁ ମୁକ୍ତ କରିବା ପାଇଁ ତତ୍କାଳୀନ ଖ୍ରୀଷ୍ଟିଆନ ସର୍ବୋଚ୍ଚ ଧର୍ମଯାଜକ ଅର୍ବାନ୍ ଦ୍ୱିତୀୟ ବାଇଜାଣ୍ଟାଇନ ସମ୍ରାଟ ଆଲେକ୍ସିୟସଙ୍କୁ ପ୍ରରୋଚିତ କରିଥିଲେ । ସେ ଏହାକୁ ଭଗବାନଙ୍କର ଇଚ୍ଛା ଭାବେ ଅଭିହିତ କରି ଅନ୍ତଃଦ୍ୱନ୍ଦରେ ଲିପ୍ତଥିବା ସାମନ୍ତରାଜା ଓ ବିଭିନ୍ନ ବର୍ଗର ଲୋକଙ୍କୁ ଆହ୍ୱାନ ଦେଇଥିଲେ । କେହି ଅନୁମାନ କରିପାରିନଥିଲେ ଯେ ଏହି କୃଷେଡ୍ ବା ଧର୍ମଯୁଦ୍ଧ ଦୁଇଶହ ବର୍ଷପର୍ଯ୍ୟନ୍ତ ଇୟୁରୋପୀୟ ଖ୍ରୀଷ୍ଟିଆନ ମାନଙ୍କ ମନକୁ ପ୍ରଭାବିତ କରିରଖିବ ।

ପ୍ରଥମକୃଷେଡ୍ ବା ଧର୍ମଯୁଦ୍ଧ ୧୦୯୬ ରୁ ୧୦୯୯ମସିହା ପର୍ଯ୍ୟନ୍ତ ଜାରି ରହିଥିଲା । ଏଥିରେ ଭାଗ ନେଇଥିବା ସୈନିକଙ୍କ ନେତୃତ୍ୱ ନେଇଥିଲେ ଦୁଇ ଅତ୍ୟନ୍ତ ସାଧାରଣ ବ୍ୟକ୍ତି, ସନ୍ୟାସୀ ପିଟର ଓ କଦର୍ପକଶୁନ୍ୟ ୱାଲଟର । ଜୁଲାଇ ୧୦୯୯ମସିହାରେ ଖ୍ରୀଷ୍ଟିଆନ ଯୁଦ୍ଧ ଜିତି ଜେରୁଜେଲମ ଅକ୍ତିଆର କରି ଗୋଡଫ୍ରେଙ୍କୁ ଏହାର ରାଜା ଭାବେ ଅଭିଷିକ୍ତ କରାଯାଇଥିଲା ।

ଦ୍ୱିତୀୟ କୃଷେଡ୍ ବା ଧର୍ମଯୁଦ୍ଧ ୧୧୪୭ ରୁ୧୧୪୯ମସିହା ପର୍ଯ୍ୟନ୍ତ ଜାରି ରହିଥିଲା । ମୁସଲମାନ୍ ମାନେ ୧୧୪୪ ମସିହାରେ ଏଡେସା କୁ ପୁନଃ ଦଖଲ କରିଥିଲେ ।ତତ୍କାଳୀନ ଖ୍ରୀଷ୍ଟିଆନ ସର୍ବୋଚ୍ଚ ଧର୍ମଯାଜକ ଇଉଜେନିୟସ ତୃତୀୟ ପବିତ୍ର ରୋମ ସମ୍ରାଟ କନରାଡ୍ ଓ ଫ୍ରାନ୍ସ ରାଜା ସପ୍ତଦଶ ଲୁଇଙ୍କୁ ଦ୍ୱିତୀୟ କୃଷେଡ୍ ପାଇଁ ପ୍ରରୋଚିତ କରିଥିଲେ । ଅଥଚ ଉଭୟ ପରସ୍ପରକୁ ସନ୍ଦେହ ଦୃଷ୍ଟିରେ ଦେଖୁଥିବାରୁ ଓ ଯୁଦ୍ଧ ଅନଭିଜ୍ଞ ଥିବାରୁ ମୁସଲମାନ୍ ମାନଙ୍କଠାରୁ ପରାସ୍ତ ହୋଇଥିଲେ ।

ତୃତୀୟ କୃଷେଡ୍ ବା ଧର୍ମଯୁଦ୍ଧ ୧୧୮୯ ରୁ୧୧୯୨ମସିହା ପର୍ଯ୍ୟନ୍ତ ଜାରି ରହିଥିଲା ।ଦ୍ୱିତୀୟ କୃଷେଡ୍ ବା ଧର୍ମଯୁଦ୍ଧରେ ଜିତିବା ପରେ ତୁର୍କୀ ଶାସକ ସଲାଦିନ ୧୧୮୭ ମସିହାରେ ଜେରୁଜେଲମ ଅଧିକାର କରିଥିଲେ । ତୃତୀୟ କୃଷେଡ୍ ବା ଧର୍ମଯୁଦ୍ଧ ଯଦିଓ ଖୁବ ଦୃଢ ଭାବେ ଆରମ୍ଭ ହୋଇଥିଲା ତେବେ ତାହାର ପରିଣତି ଦୟନୀୟ ହୋଇଥିଲା । ଏଥିରେ ତିନି ଖ୍ରୀଷ୍ଟିଆନ

ଏକଛତ୍ରବାଦୀ ଶାସକ ନେତୃତ୍ୱ ନେଇଥିଲେ । ସେମାନେ ହେଲେ ଜର୍ମାନ ରାଜା ଫ୍ରେଡେରିକ ବାର୍ବାରୋସା, ରୋମାନ ସମ୍ରାଟ ଫିଲିପ ଅଗଷ୍ଟସ ଓ ବ୍ରିଟେନର ରାଜା ସିଂହ ହୃଦୟ ରିଚାର୍ଡ । ସ୍ଥଳ ବାଟେ ଏସିଆ ମାଇନର ରେ ଜର୍ମାନ ରାଜା ଫ୍ରେଡେରିକ ବାର୍ବାରୋସା ପହଂଚିଲେ କିନ୍ତୁ ଏକ ନଦୀ ଅତିକ୍ରମ କରିଲାବେଳେ ବୁଡି ମଲେ । ରୋମ ଓ ବ୍ରିଟେନର ରାଜା ମିଳିତ ଭାବେ ସମୁଦ୍ରରେ ଅଗ୍ରସର ହେଲେ କିନ୍ତୁ ପରସ୍ପରକୁ ସନ୍ଦେହ କରି ନିଜ ଭିତରେ କନ୍ଦଳ କଲେ । ତେଣୁ ଅଲଗା ହୋଇ ଧର୍ମଯୁଦ୍ଧ ପାଇଁ ଲଢିଲେ । ତେଣୁ ପୂର୍ଣ୍ଣ ସଂଳତା ମିଳିଲା ନାହିଁ । ବ୍ରିଟେନର ରାଜା ରିଚାର୍ଡ ଯଦିଓ ଜେରୁଜେଲମ ପାଖାପାଖି ପହଂଚି ପାରିଥିଲେ ତଥାପି ତୁର୍କୀ ଶାସକ ସଲାଦିନ ତାଙ୍କୁ ଜିତିବା ସୁଯୋଗ ଦେଇନଥିଲା । ଏହି ରକ୍ତାକ୍ତ ସଂଘର୍ଷରେ ଉଭୟ ପକ୍ଷର ତିନିଲକ୍ଷ ଲୋକ ମରିଥିଲେ । ଶେଷରେ ୧୯୯୨ ମସିହାରେ ମୁସଲମାନ ମାନଙ୍କ ସହ ଏକ ଚୁକ୍ତି ବଳରେ ଖ୍ରୀଷ୍ଟିଆନ ମାନଙ୍କୁ ମୁସଲିମ ଶାସନାଧିନ ଜେରୁଜେଲମରେ ପ୍ରବେଶ ଅନୁମତି ମିଳିଲା । ବିଂଳ ମନୋରଥ ହୋଇବ୍ରିଟେନର ରାଜା ରିଚାର୍ଡ ଂେରିବା ବାଟରେ ଜର୍ମାନ ତାଙ୍କୁ ଅପହରଣ କରିଥିଲା । ତାଙ୍କୁ ମୁକୁଳାଇବା ପାଇଁ ବ୍ରିଟେନକୁ ପ୍ରତିବଦଳରେ ବହୁ ସମ୍ପଦ ଦେବାକୁ ପଡିଥିଲା ।

ଚତୁର୍ଥ କୃଷେଡ୍ ବା ଧର୍ମଯୁଦ୍ଧ ୧୨୦୧ ମସହାରେ ଆରମ୍ଭ ହୋଇଥିଲା । ଏହି ଯୁଦ୍ଧ ପାଇଁ ଡାକରା ଦେଇଥିଲେ ପୋପ ଇନୋସେଣ୍ଟ ତୃତୀୟ ହେଲେ ଖ୍ରୀଷ୍ଟିଆନ ଧର୍ମଯୋଦ୍ଧା ମାନେ ମୁସଲମାନଙ୍କ ସଙ୍ଗେ ନଲଢି ଲୋଭଗ୍ରସ୍ତ ହୋଇ ନିଜ ନିଜ ଭିତରେ ଲାଟିନ ଓ ଗ୍ରୀକ ମାନେ ଲଢି ଖ୍ରୀଷ୍ଟିଆନ ରକ୍ତ ବୁହାଇଥିଲେ ।

ସବୁଠାରୁ କରୁଣ ଓ ଆଶ୍ଚର୍ଯ୍ୟକଥା ଘଟିଲା ୧୨୧୨ ମସିହାରେ । ଏହା ଶିଶୁ ଧର୍ମଯୁଦ୍ଧ ନାମରେ ଅପଖ୍ୟାତ । ଷ୍ଟିଫେନ ଓ ନିକୋଲସ ନାମକ ଦୁଇ ନାବାଳକ ପବିତ୍ର ଧର୍ମଯୁଦ୍ଧ ପାଇଁ ଅନୁପ୍ରାଣିତ ହୋଇଥିଲେ । ତାଙ୍କ ଦେଖାଦେଖି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ହଜାର ହଜାର ଫ୍ରେଂଚ ଓ ଜର୍ମାନ ବାଳକ କଳ୍ପନାରେ ଦୁଃସାହାସିକ ଅଭିଯାନ ପାଇଁ ବାହାରିଲେ । ସେମାନେ ଭାବୁଥିଲେ "ଧର୍ମଯୁଦ୍ଧ ସକାଶେ ଭୂମଧ୍ୟସାଗର ଶୁଷ୍କ ହୋଇ ତାଙ୍କୁ ପବିତ୍ର ପାଲେଷ୍ଟାଇନରେ ଚାଲି ଚାଲି ପହଂଚିବା ପାଇଁ ବାଟ ଛାଡିଦେବ । ସେଠାରେ ପହଂଚିବା ମାତ୍ରେ ତାଙ୍କର ସରଳତା ଓ ଭକ୍ତି ପ୍ରଭାବରେ ଇସଲାମର ସୈନ୍ୟ ମିଳେଇ ଯାଇ ଅଦୃଶ୍ୟ ହୋଇଯିବେ ଏବଂ ଜୀଶୁଙ୍କର ଭୂମି ମୁକ୍ତ ହୋଇ ଖ୍ରୀଷ୍ଟିଆନ ଶାସନ ସ୍ଥାପନ ହେବ ।" ଏପରି ଅତ୍ୟୁତ୍ସାହିତ ବିଶ୍ୱାସ ସହ ହଜାର ହଜାର ବାଳକ ଫ୍ରେଂଚ ବନ୍ଦର ମାର୍ସାଇଲିସ ଅଭିମୁଖେ ଚାଲିଲେ । ସେମାନଙ୍କ ଶିକ୍ଷକ ବା ଅଭିଭାବକ ସେମାନଙ୍କୁ ରୋକି ପାରିଲେନି । ସମବେତ ଭାବରେ ଭୂମଧ୍ୟସାଗର ଢେଉକୁ ଚାହିଁଲେ ମଧ୍ୟ ତାହା ଶୁଷ୍କ ହୋଇ ତାଙ୍କୁ ପବିତ୍ର ପାଲେଷ୍ଟାଇନରେ ଚାଲି ଚାଲି ପହଂଚିବା ପାଇଁ ବାଟ ଛାଡିଲା ନାହିଁ । ତଥାପି ସେମାନେ ହତୋତ୍ସାହିତ ନହୋଇ ଧୈର୍ଯ୍ୟର ସହ ଅପେକ୍ଷା କଲେ । ସେହି କ୍ଷଣରେ ବଣିକ ମାନେ ସହଯୋଗର ହାତ ବଢାଇଲେ । ସମୁଦ୍ରପାରି ପାଲେଷ୍ଟାଇନରେ ପହଂଚିବା ପାଇଁ ସେମାନେ ସାତଟି ଜାହାଜରେ କେତେ ହଜାର ବାଳକଙ୍କୁ ନେବାର ବ୍ୟବସ୍ଥା କରିଲେ । ସେ ଜାହାଜ ଗୁଡିକ ସମୁଦ୍ରଯାତ୍ରା କରିବା ମଧ୍ୟରେ ତନ୍ମଧ୍ୟରୁ ଦୁଇଟି ଜାହାଜ ଭୂମଧ୍ୟସାଗରରେ ଭୀଷଣ ସାମୁଦ୍ରିକ ଝଡର ସମ୍ମୁଖୀନ ହୋଇ ସଲୀଳସମାଧି ନେଲା । ବଳକା ଜାହାଜ ସବୁ ମଝିଦରିଆରେ ଜଳଦସ୍ୟୁ ମାନଙ୍କ ଦ୍ୱାରା କବଳିତ ହେଲା । କଥିତ ଅଛିଯେ ଇଉରୋପିଆନ ବଣିକମାନେ ପ୍ରଚୁର ଅର୍ଥଲୋଭରେ ସେ ନିରିହ ବାଳକ ମାନଙ୍କୁ ଜଳଦସ୍ୟୁ ମାନଙ୍କୁ ବିକ୍ରି କରିଦେଇଥିଲେ । ପରେ ଜଳଦସ୍ୟୁ ମାନେ ସେ ହତଭାଗ୍ୟ ପିଲାଙ୍କୁ ଉତ୍ତର ଆଫ୍ରିକା, ଇଜିପ୍ଟ ଓ ବାଗଦାଦ ନେଇ ସେଠାରେ କ୍ରୀତଦାସ ଭାବେବିକ୍ରି କରି ଦେଇଥିଲେ । ତତ୍କାଳୀନ ପୋପ ଇନୋସେଣ୍ଟ ତୃତୀୟ ଶିଶୁ ଧର୍ମଯୁଦ୍ଧର ପ୍ରାରମ୍ଭରେ ମନ୍ତବ୍ୟ ଦେଇଥିଲେ ଯେ, "ଏ ଶିଶୁ ମାନେ ଆମକୁ ଲଜ୍ଜିତ କରିଛନ୍ତି, ଯେତେବେଳେ ଆମେ ଶୋଇଥିଲେ ସେମାନେ ପବିତ୍ର ଭୂମିକୁ ଜୟ କରିବା ପାଇଁ ଉଲ୍ଲସିତ ହୋଇ ମାଡିଚାଲିଲେ ।"

ଶିଶୁ ଧର୍ମଯୁଦ୍ଧ-କୃଷେଡ(Crusade) ପରେ ଏପରି ଆହୁରି କିଛିଧର୍ମଯୁଦ୍ଧ ତ୍ରୟୋଦଶ ଶତାବ୍ଦୀ ଶେଷଭାଗ ପର୍ଯ୍ୟନ୍ତ ଲଢାଯାଇଥିଲା । ସେତବେଳକୁ ପ୍ରଥମେ ପ୍ରଥମେ ଏଥିପାଇଁ ଥିବା ଉତ୍ସାହ ଉଦ୍ଦିପନା ଚିରଦିନ ପାଇଁ ଅପସରି ଯାଇଥିଲା । ଶିଶୁ ଧର୍ମଯୁଦ୍ଧ ବ୍ୟତିରେକ ସର୍ବମୋଟ ଆଠଟିକୃଷେଡ(Crusade) ଲଢାଯାଇଥିଲା । କିନ୍ତୁ ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ଖ୍ରୀଷ୍ଟିଆନ ମାନେ ପାଲେଷ୍ଟାଇନକୁ ମୁସଲମାନଙ୍କ ହାତରୁ ମୁକ୍ତ କରିପାରିନଥିଲେ ।

ବର୍ତ୍ତମାନ ମଧ୍ୟ ବହୁ ସ୍ୱାର୍ଥାନ୍ୱେଷୀ କଠୋର ପନ୍ଥୀ ରଢିବାଦୀ ସଙ୍ଗଠନ ଭାବପ୍ରବଣ ପିଲାମାନଙ୍କୁ ଧର୍ମନାମରେ ଭୁଲ ତାଲିମ ଦେଇ ଉତ୍ତେଜିତକରି, ମତାଇ ବିପଥଗାମୀ କରିବାରେ ଲଗିଛନ୍ତି । ବିଭିନ୍ନ ଗଣମାଧ୍ୟମ ଏ ମସୁଧାରେ ଅଂଶିଦାର ଭାବେ ଅତିରଞ୍ଜିତ ତଥ୍ୟ ପରିବେଷଣ କରି ଭାବପ୍ରବଣ ପିଲାମାନଙ୍କୁ ହିଂସାଚାରଣ ଅପଣେଇବା ପାଇଁ ଉସକାଉଛନ୍ତି । ଏହି ହିତାହିତ ଜ୍ଞାନଶୂନ୍ୟ ଛାତ୍ର ସମାଜ ରାଜନୈତିକ ଦଳର ପୁତ୍ତଳିକା ସାଜିସେମାନେ ସ୍ୱୟଂ ତଥା ସମସ୍ତ ସମାଜର ଭବିଷ୍ୟତ କଦାକାର କରୁଛନ୍ତି । ଶାନ୍ତି ବିବର୍ଜିତ ଧର୍ମ କଦାପି ମାନବ ଧର୍ମ ହୋଇନପାରେ । ବିଦ୍ୟାଳୟ ପରିଧାନ

ଆଡୁଆଳରେ ଛାତ୍ରସମାଜକୁ ମତାନ୍ଧ ଗୋଷ୍ଠୀ ଭାଗଭାଗ କରୁଛି । ଛାତ୍ରମାନେ ଶିକ୍ଷାୟତନକୁ ଆସିବାର ଉଦ୍ଦେଶ୍ୟ ଭୁଲି ସହପାଠୀନୀଙ୍କୁ ନିଜର ଶତୃରୂପେ ଦେଖୁଛନ୍ତି । ଏଥିରେ ଲିପ୍ତ ରହୁଥିବା ପିଲାମାନଙ୍କୁ ଅଭିଭାବକ ଓ ଶିକ୍ଷକ ଗୋଷ୍ଠୀ ଆଗରୁ କଅଣ ପାଠ ପଢାଇଥିଲେ ତାହା ନିମ୍ନ ଏକ ପ୍ରଶ୍ନବାଚୀ ।ଆମର ସଂସ୍କୃତିକ ସଦଭାବନା, ଗ୍ରହଣଶୀଳତାର ଐତିହ୍ୟ ଓ ଐକ୍ୟ ପରମ୍ପରା ଯାହାର ଉଦାହରଣ ଦେଇ ବିବେକାନନ୍ଦ ଧର୍ମ ମହାସଭାରେ ବିଶ୍ୱ ବିଦିତ ହୋଇଥିଲେ ତାର ଅପମାନ ଆଉ କିପରି କରାଯାଇ ପାରିଥାନ୍ତା ?ଶାନ୍ତି ବିବର୍ଜିତ ଧର୍ମ କଦାପି ମାନବ ଧର୍ମ ହୋଇନପାରେ ।

ଓଡିଶା.ପ୍ରଶାସନିକ.ସେବା


